# NATIONAL NEWS BULLETIN (ODIA)

**5 July - 2024**

**Mid Bulletin : 1.50 p.m.**

---

# ମୁଖ୍ୟ ସମ୍ବାଦ

- ସର୍ବୋଚ୍ଚ ସ୍ତରରେ ପହଞ୍ଚିଲା ୨୦୨୩-୨୪ ଆର୍ଥିକ ବର୍ଷର ପ୍ରତିରକ୍ଷା ଉତ୍ପାଦ ମୂଲ୍ୟ ।

\- ପ୍ରତିରକ୍ଷା ଉତ୍ପାଦ ମୂଲ୍ୟ ବୃଦ୍ଧିକୁ ଉତ୍ସାହଜନକ କହିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।

- ବ୍ରିଟେନ୍‌ର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ହେବେ ଲେବରପାର୍ଟି ନେତା କିର୍ ଷ୍ଟାର୍‌ମର ।

- ଅମରନାଥ ଯାତ୍ରା ଲାଗି ସପ୍ତମ ପର୍ଯ୍ୟାୟରେ ୭ହଜାର ୯୧୯ଜଣ ତୀର୍ଥଯାତ୍ରୀଙ୍କର ଯାତ୍ରା ଆରମ୍ଭ ।

- ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଲାଗି ପ୍ରସ୍ତୁତି ଚୂଡାନ୍ତ ।

\- ଭୁବନେଶ୍ୱର ଦୂରଦର୍ଶନ ଓ ଆକାଶବାଣୀ କଟକ ପକ୍ଷରୁ ଘୋଷଯାତ୍ରାର ହେବ ସିଧା ପ୍ରସାରଣ ।

ଏବଂ

- ଟି-୨୦ ଆନ୍ତର୍ଜାତିକ ମହିଳା କ୍ରିକେଟ୍ ଶୃଙ୍ଖଳାରେ ଆଜି ଚେନ୍ନାଇରେ ମୁହାଁମୁହିଁ ହେବେ ଭାରତ ଓ ଦକ୍ଷିଣ ଆଫ୍ରିକା ।

# ରାଜନାଥ-ଡିଫେନ୍ସ

୨୦୨୩-୨୪ ଆର୍ଥିକ ବର୍ଷରେ ଦେଶରେ ପ୍ରତିରକ୍ଷା ଉତ୍ପାଦ ମୂଲ୍ୟ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି । ଏହି ଅବଧି ମଧ୍ୟରେ ୧ଲକ୍ଷ ୨୬ହଜାର ୮୮୭କୋଟି ଟଙ୍କାରେ ପ୍ରତିରକ୍ଷା ଉତ୍ପାଦ ମୂଲ୍ୟ ପହଞ୍ଚିଥିବାବେଳେ ଗତବର୍ଷ ତୁଳନାରେ ୧୬ ଦଶମିକ ୮ ପ୍ରତିଶତ ବୃଦ୍ଧି ରେକର୍ଡ କରାଯାଇଛି । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ 'ମେକ୍ ଇନ୍ ଇଣ୍ଡିଆ' ଅଭିଯାନ କ୍ରମାଗତ ଭାବେ ନୂଆ ସଫଳତା ହାସଲ କରୁଛି । ଏଥିଲାଗି ଶ୍ରୀ ସିଂହ ପ୍ରତିରକ୍ଷା ଉତ୍ପାଦନ ସହ ଜଡିତ ସମସ୍ତ ଅଂଶୀଦାରମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ୨୦୨୩-୨୪ ଆର୍ଥିକ ବର୍ଷରେ ମୋଟ୍ ଉତ୍ପାଦନର ମୂଲ୍ୟରେ ୧୯ ଦଶମିକ ୨ ପ୍ରତିଶତ ବୃଦ୍ଧି ହୋଇଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରତିରକ୍ଷା ଉତ୍ପାଦ ମୂଲ୍ୟ ବୃଦ୍ଧିକୁ ପ୍ରଶଂସା କରିଛନ୍ତି । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ ଏହାକୁ ଉତ୍ସାହଜନକ ବୋଲି ବର୍ଣ୍ଣନା କରିଛନ୍ତି ।

## ବ୍ରିଟେନ୍-ଇଲେକ୍ସନ

ବ୍ରିଟେନ୍‌ର ସଂସଦୀୟ ନିର୍ବାଚନରେ ଲେବର ପାର୍ଟି ବହୁମତ ଆଡକୁ ଅଗ୍ରସର ହେଉଛି । ଲେବର ପାର୍ଟିର ନେତା କିର୍ ଷ୍ଟାରମର ପ୍ରଧାନମନ୍ତ୍ରୀ ଋଷି ସୁନକଙ୍କ କନ୍‌ଜରଭେଟିଭ ପାର୍ଟିକୁ ପରାସ୍ତ କରି ଆଗାମୀ ପ୍ରଧାନମନ୍ତ୍ରୀ ପଦ ଗ୍ରହଣ କରିବାକୁ ଯାଉଛନ୍ତି । ପ୍ରାୟ ଏକ ଦଶନ୍ଧିରୁ ଅଧିକ ସମୟ ଧରି ବିରୋଧୀ ଦଳରେ ରହିବା ପରେ ଲେବର ପାର୍ଟିକୁ ପୁଣି ସମର୍ଥନ ମିଳିଛି । ତାଜା ସୂଚନା ଅନୁଯାୟୀ ଲେବର ପାର୍ଟି ୬୫୦ଟି ଆସନ ମଧ୍ୟରୁ ୩୨୬ଟି ଆସନରେ ବିଜୟୀ ହୋଇଛି । ୬୧ ବର୍ଷୀୟ ଷ୍ଟାର୍‌ମର କହିଛନ୍ତି ଲେବର ପାର୍ଟିକୁ ବିଜୟୀ କରିବା ପାଇଁ ଲୋକମାନେ ଭୋଟ୍ ଦେଇଛନ୍ତି ଏବଂ ଦେଶରେ ପରିବର୍ତ୍ତନର ଧାରା ଆରମ୍ଭ ହୋଇଛି ।

## ଶିବରାଜ-ହେମନ୍ତ

କେନ୍ଦ୍ରମନ୍ତ୍ରୀ ତଥା ଭାରତୀୟ ଜନତା ପାର୍ଟିର ଝାଡ଼ଖଣ୍ଡ ପ୍ରଭାରୀ ଶିବରାଜ ସିଂହ ଚୌହ୍ୱାନ ଦ୍ୱିତୀୟ ଥର ଲାଗି ମୁଖ୍ୟମନ୍ତ୍ରୀ ପରିବର୍ତ୍ତନ ହୋଇଥିବାରୁ ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚାକୁ ସମାଲୋଚନା କରିଛନ୍ତି । ହେମନ୍ତ ସୋରେନ୍‌ଙ୍କ ବୟାନ ପରେ ଶ୍ରୀ ଚୌହ୍ୱାନ କହିଛନ୍ତି ବିଜେପି କାହାକୁ ଅସୁବିଧାରେ ପକାଏ ନାହିଁ କି କାହାକୁ ସୁରକ୍ଷା ମଧ୍ଯ ଦିଏନାହିଁ । ସେ କହିଛନ୍ତି ଯାଞ୍ଚ

ଏଜେନ୍ସୀଗୁଡ଼ିକ ସ୍ୱତନ୍ତ୍ର ଭାବେ କାର୍ଯ୍ୟ କରୁଛନ୍ତି । ରାଞ୍ଚିଠାରେ ସମ୍ବାଦଦାତା ମାନଙ୍କ ସହ କଥାବାର୍ତ୍ତା ବେଳେ ଶ୍ରୀ ଚୌହ୍ୱାନ କହିଛନ୍ତି ହେମନ୍ତ ସୋରେନ୍‌ଙ୍କ ପୁଣି ମୁଖ୍ୟମନ୍ତ୍ରୀ ହେବା କ୍ଷମତା ହାସଲ କରିବାର ଏକ ପ୍ରକୃଷ୍ଟ ଉଦାହରଣ ।

## ରାହୁଲ ଗାନ୍ଧୀ-ହାଥରସ

ରାଏବରେଲୀର କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଆଜି ଉତ୍ତରପ୍ରଦେଶର ଅଲିଗଡରେ ହାଥରସ ଦଳାଚକଟା ଘଟଣାର ପୀଡିତ ପରିବାରମାନଙ୍କୁ ସାକ୍ଷାତ୍ କରିଛନ୍ତି । ଏହି ଦଳାଚକଟା ଘଟଣାରେ ୧୨୧ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଅନେକ ଲୋକ ଆହତ ହୋଇଛନ୍ତି । ଏହାପୂର୍ବରୁ ଜୁଲାଇ ୩ ତାରିଖରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ହାଥରସ ଗସ୍ତରେ ଯାଇ ହସ୍ପିଟାଲ ଗୁଡ଼ିକରେ ପୀଡିତଙ୍କ ପରିବାର ସହ ସାକ୍ଷାତ୍ କରିଥିଲେ । ଇତିମଧ୍ୟରେ ଏହି ଘଟଣାର ତଦନ୍ତ ଲାଗି ଏକ ନ୍ୟାୟିକ କମିଶନ ଗଠନ କରାଯାଇଛି ।

୩ଜଣିଆ ବିଚାର ବିଭାଗୀୟ କମିଟି ଗତକାଲି ଲକ୍ଷ୍ନୌରେ ପ୍ରଥମ ବୈଠକ କରିଛନ୍ତି । କମିଟିର ମୁଖ୍ୟ ଭାବେ ଆହ୍ଲାବାଦ ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ବ୍ରିଜେଶ କୁମାର ଶ୍ରୀବାସ୍ତବଙ୍କୁ ଦାୟିତ୍ୱ ଦିଆଯାଇଥିବାବେଳେ ପ୍ରଶାସନିକ ସେବା ଅଧିକାରୀ ହେମନ୍ତ ରାଓ ଏବଂ ଅବସରପ୍ରାପ୍ତ ଆଇପିଏସ୍ ଭବେଶ କୁମାର ଏହାର ସଦସ୍ୟ ଅଛନ୍ତି । ଏହି ଘଟଣାର ତଦନ୍ତ ଲାଗି କମିଶନ ଖୁବ୍‌ଶୀଘ୍ର ହାଥରସ ଘଟଣାସ୍ଥଳ

ପରିଦର୍ଶନ କରିବେ ବୋଲି ଜଣାପଡିଛି । ଆସନ୍ତା ୨ ମାସ ମଧ୍ୟରେ ୫ଟି ବିଷୟ ଉପରେ କମିଶନ ତଦନ୍ତ ରିପୋର୍ଟ ପ୍ରସ୍ତୁତ କରି ସରକାରଙ୍କୁ ଦେବେ । ଗତକାଲି ବୈଠକ ପରେ ଜଷ୍ଟିସ ଶ୍ରୀବାସ୍ତବ କହିଛନ୍ତି ତଦନ୍ତ ରିପୋର୍ଟ ପ୍ରସ୍ତୁତ ଲାଗି ଖୁବ୍ କମ୍‌ସମୟ ଥିବାରୁ କମିଶନ ଘଟଣାର ସବୁଦିଗକୁ ଗୁରୁତ୍ୱର ସହ ବିଶ୍ଳେଷଣ କରିବେ ।

ଉତ୍ତରପ୍ରଦେଶ ପୁଲିସ ମହାନିର୍ଦ୍ଦେଶକ କହିଛନ୍ତି ଭୋଲେବାବା ଓରଫ ସୂରଜ ପାଲର ୬ଜଣ ସେବାଦାରଙ୍କୁ ଗିରଫ କରାଯାଇଛି । ସେହି ୬ଜଣ ଆୟୋଜନ ସମିତିର ସଦସ୍ୟ ଥିଲେ । ଅନ୍ୟପକ୍ଷରେ ମୁଖ୍ୟ ଆୟୋଜକ ଦେବପ୍ରକାଶ ମଧୁକରଙ୍କୁ ଧରାଇ ଦେବାଲାଗି ୧ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଛି ।

# ଅମରନାଥ ଯାତ୍ରା

ଅମରନାଥ ଯାତ୍ରା ଲାଗି ଆଜି ଜାମ୍ମୁର ଭଗବତୀ ନଗର ଯାତ୍ରୀନିବାସ ଶିବିରରୁ ସପ୍ତମ ପର୍ଯ୍ୟାୟରେ ୭ହଜାର ୯୧୯ଜଣ ତୀର୍ଥଯାତ୍ରୀ ଯାତ୍ରା ଆରମ୍ଭ କରିଛନ୍ତି । ଏହି ତୀର୍ଥଯାତ୍ରୀମାନେ ୨ଶହ ଅଣଷଠୀଟି ଦଳରେ କାଶ୍ମୀର ଘାଟୀକୁ ଯାତ୍ରା କରୁଛନ୍ତି । ସେମାନଙ୍କ ମଧ୍ୟରେ ୫ହଜାର ୨୪୧ଜଣ ପୁରୁଷ, ଏକହଜାର ୪୩୫ଜଣ ମହିଳା, ୧୬ଜଣ ଶିଶୁ, ୨୧୪ଜଣ ସାଧୁ ଏବଂ ୧୩ଜଣ ସାଧ୍ୱୀ ଅଛନ୍ତି ।

# ଦିବ୍ୟ କଳା ମେଳା

ଭାରତ ସରକାରଙ୍କ ସାମାଜିକ ନ୍ୟାୟ  ଓ ସଶକ୍ତିକରଣ ମନ୍ତ୍ରଣାଳୟ ଅଧୀନସ୍ଥ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଆଜିଠାରୁ ଭୁବନେଶ୍ୱରରେ ଦିବ୍ୟ କଳା ଶକ୍ତି ଓ ଦିବ୍ୟ କଳା ମେଳା ଆୟୋଜିତ ହେବ । ଭୁବନେଶ୍ୱର କିଟ୍ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଏହି କାର୍ଯ୍ୟକ୍ରମ ଚଳିମାସ ୧୧ ତାରିଖ ପର୍ଯ୍ୟନ୍ତ ଚାଲିବ । କେନ୍ଦ୍ର ସାମାଜିକ, ନ୍ୟାୟ ଓ ସଶକ୍ତିକରଣ ରାଷ୍ଟ୍ରମନ୍ତ୍ରୀ ବି.ଏଲ୍.ବର୍ମା ଆଜି ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବେ । ଦିବ୍ୟାଙ୍ଗଜନଙ୍କ ପାଇଁ କାର୍ଯ୍ୟ କରୁଥିବା ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ, ଉତ୍ତରାଖଣ୍ଡ ଓ ଓଡ଼ିଶାର ପ୍ରମୁଖ ସ୍ୱେଚ୍ଛାସେବୀ ସଂଗଠନଗୁଡ଼ିକ ଏହି କାର୍ଯ୍ୟକ୍ରମରେ ଭାଗନେବେ । ଦିବ୍ୟ କଳାଶକ୍ତି କାର୍ଯ୍ୟକ୍ରମରେ ଏହି ୬ଟି ରାଜ୍ୟର ଦିବ୍ୟାଙ୍ଗଜନ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ । ସେହିପରି ଦିବ୍ୟକଳା ମେଳାରେ ୧୦୯ଜଣ ଦିବ୍ୟାଙ୍ଗ ଶିଳ୍ପୀ, କାରିଗର ଓ ଉଦ୍ୟୋଗୀଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ସାମଗ୍ରୀ ପ୍ରଦର୍ଶିତ ହେବ ।

# ପିଆଇବି-ଡିଜି

ଭାରତୀୟ ସୂଚନା ସେବାର ବରିଷ୍ଠ ଅଧିକାରୀ ଧୀରେନ୍ଦ୍ର ଓଝାଙ୍କୁ ପତ୍ର ସୂଚନା କାର୍ଯ୍ୟାଳୟ ପିଆଇବିର ମହାନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଛି । ଶ୍ରୀ ଓଝା’ ଶେଫାଳି ଶରଣଙ୍କ ସ୍ଥାନରେ ନିଯୁକ୍ତି ପାଇଛନ୍ତି । ଶେଫାଳି ଶରଣଙ୍କୁ ପ୍ରକାଶନ ବିଭାଗର ମହାନିର୍ଦ୍ଦେଶକ ଭାବେ ଅବସ୍ଥାପିତ କରାଯାଇଛି ।

# କାଲିଫର୍ଣ୍ଣିଆ ଫାୟାର

ଆମେରିକାରେ ଭୀଷଣ ଗ୍ରୀଷ୍ମପ୍ରବାହ ଜାରି ରହିଥିବାବେଳେ ଜଙ୍ଗଲ ନିଆଁ ଯୋଗୁଁ ଉତ୍ତର-କାଲିଫର୍ଣ୍ଣିଆରେ ବସବାସ କରୁଥିବା ହଜାର ହଜାର ଲୋକଙ୍କୁ ବାସସ୍ଥାନ ଖାଲି କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି । କାଲିଫର୍ଣ୍ଣିଆସ୍ଥିତ ବନ୍ୟ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଚଳିତ ସପ୍ତାହ ଜଙ୍ଗଲ ନିଆଁ ଯୋଗୁଁ ପ୍ରାୟ ୨୮ହଜାର ଲୋକଙ୍କୁ ଘର ଛାଡିବାକୁ କୁହାଯାଇଛି । ସେଠାକାର ପାଣିପାଗ ବିଭାଗ କହିଛି ଆମେରିକାରେ ତାପମାତ୍ରା ୪୭ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବାର ସମ୍ଭାବନା ରହିଛି । ପ୍ରବଳ ଗ୍ରୀଷ୍ମପ୍ରବାହ ଯୋଗୁଁ ଆମେରିକାର କେତେକ ସହରରେ ବାଣଫୁଟା ଉତ୍ସବକୁ ରଦ୍ଦ କରିଦିଆଯାଇଥିବା ଜଣାପଡିଛି । ଏପର୍ଯ୍ୟନ୍ତ ପ୍ରାୟ ୩ହଜାର

୫୦୦ ଏକରରୁ ଅଧିକ ଅଞ୍ଚଳରେ ଜଙ୍ଗଲ ନିଆଁ ବ୍ୟାପିଥିବା ସରକାରୀ ଭାବେ ଜଣାପଡିଛି ।

# ଓଡ଼ିଶା ରଥଯାତ୍ରା

ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଲାଗି ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ପ୍ରଭୁ ଜଗନ୍ନାଥ, ବଳଭଦ୍ର, ଦେବୀ ସୁଭଦ୍ରା ଓ ପ୍ରଭୁ ସୁଦର୍ଶନଙ୍କ ଘୋଷଯାତ୍ରା ଲାଗି ରଥ ପ୍ରସ୍ତୁତି କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଚଳିତମାସ ୭ ତାରିଖ ରବିବାର ଦିନ ପୁରୀ ବଡଦାଣ୍ଡରେ ରଥଯାତ୍ରା ଅନୁଷ୍ଠିତ ହେବ । ଏଥିସହିତ ନବଯୌବନ ଦର୍ଶନ, ନେତ୍ରୋତ୍ସବ ଏବଂ ଗୁଣ୍ଡିଚାଯାତ୍ରା ମଧ୍ୟ ଅନୁଷ୍ଠିତ ହେବ । ଏହାକୁ ଦୃଷ୍ଟିରେ ରଖି ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ନୀତିକାନ୍ତି ସଠିକ୍ ସମୟରେ କରିବା ଲାଗି ପଦକ୍ଷେପ ଗ୍ରହଣ କରାଯାଉଛି ।

ଚଳିତବର୍ଷ ଦୁଇଦିନ ଧରି ରଥଯାତ୍ରା ହେଉଥିବାରୁ ଜୁଲାଇ ୭ ଏବଂ ୮ ତାରିଖକୁ ରାଜ୍ୟ ସକରାର ଛୁଟି ଘୋଷଣା କରିଛନ୍ତି । ଚଳିତବର୍ଷ ରଥଯାତ୍ରା ଦେଖିବା ଲାଗି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସୁଥିବାରୁ ସୁରକ୍ଷା ବ୍ୟବସ୍ଥା କଡାକଡି ହେବ । ପ୍ରଶାସନ ପକ୍ଷରୁ ମହିଳାମାନଙ୍କ ସୁରକ୍ଷା ନିମନ୍ତେ ସ୍ୱତନ୍ତ୍ର ଧ୍ୟାନ ଦିଆଯିବ ବୋଲି ଜଣାପଡିଛି । ରଥଯାତ୍ରା ଦିନ ଶ୍ରୀମନ୍ଦିରକୁ ପ୍ରବେଶ ଲାଗି ବାରଣ କରାଯାଇଛି । ରଥ ଉପରେ ଗହଳି ନକରିବା ଲାଗି ମନ୍ଦିର ପ୍ରଶାସନ ପକ୍ଷରୁ ସେବାୟତମାନଙ୍କୁ ଅନୁରୋଧ

କରାଯାଇଛି । ଇତିମଧ୍ୟରେ ରେଳବାଇ ପକ୍ଷରୁ ରଥଯାତ୍ରା ନିମନ୍ତେ ୩୧୫ଟି ସ୍ୱତନ୍ତ୍ର ଟ୍ରେନ୍ ଚଳାଇବାକୁ ନିଷ୍ପତ୍ତି ହୋଇଛି ।

## ରଥଯାତ୍ରା-ଦୂରଦର୍ଶନ

ପବିତ୍ର ରଥଯାତ୍ରା ଅବସରରେ ଆସନ୍ତା ୭ ତାରିଖରେ ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ର, ଓଡ଼ିଶା ସୂଚନା ଓ ଲୋକସମ୍ପର୍କ ବିଭାଗ ସହଯୋଗରେ ଘୋଷଯାତ୍ରାର ସିଧାପ୍ରସାରଣ କରିବ । ଭୁବନେଶ୍ୱର ଦୂରଦର୍ଶନ କାର୍ଯ୍ୟକ୍ରମ ମୁଖ୍ୟ ଦେବାଶିଷ ହାଲ୍‌ଦାର କହିଛନ୍ତି, ଉନ୍ନତମାନର ଅତ୍ୟାଧୁନିକ ପ୍ରସାରଣ ଉପକରଣ ଦ୍ୱାରା ଉଚ୍ଚମାନର ଚିତ୍ର ଉତ୍ତୋଳନ କରାଯାଇ ରଥଯାତ୍ରାର ସିଧା ପ୍ରସାରଣ କରାଯିବ । ଡିଡି ଓଡ଼ିଆରେ ଜୁଲାଇ ୭ ତାରିଖ ଦିନ ସକାଳ ୯ଟାରୁ ଓଡ଼ିଆରେ ଏବଂ ସକାଳ ୧୦ଟାରୁ ହିନ୍ଦୀ, ଇଂରାଜୀ ଏବଂ ସଂସ୍କୃତ ଭାଷାରେ ଏହି ପ୍ରସାରଣ ହେବ । ଡିଡି ଓଡ଼ିଆ ଏବଂ ଡିଡି ନ୍ୟାସନାଲ ୟୁ-ଟ୍ୟୁବ୍ ଚ୍ୟାନେଲରେ ମଧ୍ୟ ସିଧା ପ୍ରସାରଣ କରାଯିବ ।

ନୀତି ଅନୁଯାୟୀ ଶ୍ରୀଜୀଉଙ୍କ ରଥଯାତ୍ରା ଏଥର ୨ଦିନ ଧରି ଅନୁଷ୍ଠିତ ହେଉଥିବାରୁ ଜୁଲାଇ ୮ ତାରିଖ ଦିନ ସକାଳ ୮ଟା ୩୦ରୁ ରଥଟଣାର ସିଧାପ୍ରସାରଣ କରାଯିବ । ସେହିପରି ୯ ତାରିଖରେ ଆଡପମଣ୍ଡପ ବିଜେ, ୧୫ ତାରିଖରେ ବାହୁଡା ଯାତ୍ରା, ୧୬ରେ ସୁନାବେଶ, ୧୭ରେ ଅଧରପଣା ଏବଂ ୧୮ ତାରିଖରେ ନିଳାଦ୍ରୀବିଜେର ଭୁବନେଶ୍ୱର ଦୂରଦର୍ଶନ ପକ୍ଷରୁ ସିଧା ପ୍ରସାରଣ ପାଇଁ ବ୍ୟବସ୍ଥା କରାଯାଇଛି ।

ଆକାଶବାଣୀ କଟକ କେନ୍ଦ୍ର ପକ୍ଷରୁ ଘୋଷଯାତ୍ରାର ପ୍ରତ୍ୟକ୍ଷଦର୍ଶୀ ଧାରା ବିବରଣୀ ଜୁଲାଇ ୭ ତାରିଖ ସକାଳ ୭ଟା ୩୦ ମିନିଟ୍‌ରୁ ରଥଟଣା ଶେଷ ହେବା ଯାଏଁ ପ୍ରଚାର କରାଯିବ । ଆକାଶବାଣୀ କଟକ ସମେତ ଓଡ଼ିଶାର ସମସ୍ତ ବେତାର କେନ୍ଦ୍ର ଗୁଡ଼ିକରୁ ଏକକାଳୀନ ଏହି ପ୍ରସାରଣ ହେବ ।

## ୱିମେନ୍ସ କ୍ରିକେଟ

ଟି-୨୦ ଆନ୍ତର୍ଜାତୀୟ କ୍ରିକେଟ ଶୃଙ୍ଖଳାରେ ଭାରତୀୟ ମହିଳା ଟିମ୍ ଦକ୍ଷିଣ ଆଫ୍ରିକା ସହ ୩ଟି ମ୍ୟାଚ୍ ଖେଳିବ । ଆଜି ସଂଧ୍ୟା ୭ଟାରେ ପ୍ରଥମ ମ୍ୟାଚ୍‌ର ଚେନ୍ନଇର ଏମ୍.ଏ. ଚିଦାମ୍ବରମ ଷ୍ଟାଡିୟମରେ ଖେଳାଯିବ । ପୂର୍ବରୁ ହରମନପ୍ରୀତ୍ କୌରଙ୍କ ନେତୃତ୍ୱରେ ଭାରତ ୩ ମ୍ୟାଚ୍ ବିଶିଷ୍ଟ ଏକଦିବସୀୟ ଆନ୍ତର୍ଜାତିକ କ୍ରିକେଟ୍ ଶୃଙ୍ଖଳା ଜିତି ସାରିଛି । ଏହାଛଡା ଭାରତ ୧୦ ୱିକେଟ୍‌ରେ ଟେଷ୍ଟ ମ୍ୟାଚ୍‌ରେ ମଧ୍ୟ ବିଜୟ ହାସଲ କରିଛି ।